# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 9 September – 2026

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତର ଦ୍ୱିତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ନିବେଶକ ଓ ବ୍ୟବସାୟୀ ଗୋଷ୍ଠୀଙ୍କ ସହ କରିବେ ଆଲୋଚନା ।
- ରାଜ୍ୟରେ ସ୍କ୍ରବ୍ ଟାଇଫସ୍ ରୋଗର ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତି କରୁଛନ୍ତି ସରକାର ।
- ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ ଆରମ୍ଭ ହେଲା ରାଷ୍ଟ୍ରୀୟ ପୋଷଣ ମାସ ।

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ପାଣିପାଗ କେନ୍ଦ୍ରର ସୂଚନା ।

BBSR

# ମୁଖ୍ୟମନ୍ତ୍ରୀ-ୟୁଏଇ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସଂଯୁକ୍ତ ଆରବ ଏମିରେଟ୍‌ସ ୟୁଏଇ ଗସ୍ତରେ ଯାଇଛନ୍ତି। ଆଜି ଗସ୍ତର ଦ୍ୱିତୀୟ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ପୁଞ୍ଜି ନିବେଶ ଏବଂ ଶିଳ୍ପ ପ୍ରତିଷ୍ଠା ପାଇଁ ଏମିରେଟ୍‌ସର ପ୍ରମୁଖ ବ୍ୟବସାୟିକ ଅନୁଷ୍ଠାନ, ନିବେଶକ ଏବଂ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଏମିରେଟ୍‌ସର ସହଯୋଗରେ ଓଡ଼ିଶାରେ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୂତନ ସୁଯୋଗ ସନ୍ଧାନ କରିବା ନେଇ ଆଜିଠାରୁ ଆବୁଧାବିଠାରେ ୩ ଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାକୁ ବିଶ୍ୱର ନିବେଶ ମାନଚିତ୍ରରେ ଅଧିକ ଶକ୍ତିଶାଳୀ କରିବ। ଏହା ରାଜ୍ୟର ଶିଳ୍ପ ଓ ଆର୍ଥିକ ବିକାଶକୁ ଏକ ନୂତନ ଗତି ପ୍ରଦାନ କରିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

# - V/O –

BBSR

## ଓଡ଼ିଶା-ୟୁଏଇ

ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ସଚିବ ହେମନ୍ତ ଶର୍ମାଙ୍କ ସମେତ ରାଜ୍ୟ

ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଉପସ୍ଥିତ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓଡ଼ିଶାର ୟୁଏଇ ନିବେଶକ ସଂଯୋଜକ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୟୁଏଇ'ରେ ନିବେଶକ ସଂଯୋଗ ଅଭିଯାନ ମାଧ୍ୟମରେ ଓଡ଼ିଶା ଓ ୟୁଏଇ ମଧ୍ୟରେ ଶିଳ୍ପ ଏବଂ ବ୍ୟବସାୟିକ ସହଭାଗିତା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

HS

## ସ୍କ୍ରବ ଟାଇଫସ୍

ରାଜ୍ୟରେ ସ୍କ୍ରବ ଟାଇଫସ୍ ଚିହ୍ନଟକୁ ନେଇ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଯେଉଁ ସ୍ଥାନରେ ସ୍କ୍ରବ ଟାଇଫସ୍ ଚିହ୍ନଟ କରାଯାଉଛି ସେଠାକୁ ଡାକ୍ତରମାନଙ୍କୁ ପଠାଯିବ। ଏହି ରୋଗର ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି। ଏହା ଯେପରି ଅନ୍ୟ ଅଞ୍ଚଳକୁ ନ ବ୍ୟାପେ ସେଥିପାଇଁ ପଦକ୍ଷେପ ନିଆଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି।

# - V/O –

Desk

# ପୋଷଣ

ନବମ ଜାତୀୟ ପୋଷଣ ମାସ ଆଜିଠାରୁ ଆରମ୍ଭ ହୋଇଛି। କେନ୍ଦ୍ରୀ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହାର ଶୁଭାରମ୍ଭ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ନବମ ଜାତୀୟ ପୋଷଣ ମାସ ମାଧ୍ୟମରେ ସୁପୋଷିତ ଓ ସଶକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନିଆଯାଇଛି। ଏହି ଅଭିଯାନ ପ୍ରତ୍ୟେକ ମା’ଙ୍କ ସ୍ୱାସ୍ଥ୍ୟ, ଶିଶୁର ପୋଷଣ ଏବଂ ପରିବାରର ସମୃଦ୍ଧି ସହ ଜଡ଼ିତ। ସୁସ୍ଥ ଜୀବନ ପାଇଁ ସୁଷମ ଓ ପୌଷ୍ଟିକ ଖାଦ୍ୟର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ଓଡ଼ିଶାରେ ଆଜିଠାରୁ ରାଷ୍ଟ୍ରୀୟ ପୋଷଣ ମାସ ଆରମ୍ଭ ହୋଇଛି। ଏହା ଆସନ୍ତା ମାସ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପୋଷଣ ପ୍ରଦର୍ଶନୀ, ଆଲୋଚନାଚକ୍ର ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହେଉଛି। ଶିଶୁଙ୍କ ସୁସ୍ଥ ବିକାଶ ଏବଂ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ ପୋଷଣଯୁକ୍ତ ଖାଦ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମମତା– ପି.ଏମ୍.ଏମ୍.ଭି.ୱାଇ ଯୋଜନା ମାତୃତ୍ୱର ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ସହାୟତା ଓ ସଚେତନତା ସୃଷ୍ଟି କରିବା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରୁଛି। ପର୍ଯ୍ୟାପ୍ତ ପୋଷଣ ଏବଂ ଶୈଶବର ପ୍ରାରମ୍ଭିକ ଯତ୍ନ ଶିଶୁର ମସ୍ତିଷ୍କ ବିକାଶ, ଶିକ୍ଷା ଓ ବିଦ୍ୟାଳୟ ପାଇଁ ପ୍ରସ୍ତୁତିର ଏକ ଦୃଢ଼ ମୂଳଦୁଆ।

Puri

# କୃଷ୍ଣ ବଳରାମ ବେଶ

ଭାଦ୍ରବ କୃଷ୍ଣ ତ୍ରୟୋଦଶ ତିଥିରେ ଆଜି ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଶ୍ରୀଜୀଉଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ବେଶରେ, ବଡ଼ଠାକୁର ବଳଭଦ୍ର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଇବେ। ବର୍ଷକୁ ଥରେ ଆଜିର ଦିନରେ ଦେବୀ ସୁଭଦ୍ରା ଚାରିଭୁଜ ଧାରଣ କରିଥାନ୍ତି। ମହାପ୍ରଭୁଙ୍କୁ ଏହି ବେଶରେ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯିବାର ବିଧି ରହିଛି।

Desk

# ବିଜେପି-ପିଏମ୍-୨୫ ଇୟର୍ସ

ଦେଶବ୍ୟାପୀ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ମାସ ୧୭ ତାରିଖ ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ଆରମ୍ଭ ହେବ। ନୂଆଦିଲ୍ଲୀଠାରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଅକ୍ଟୋବର ମାସ ୭ ତାରିଖରେ ଜନସେବାରେ  ତାଙ୍କର ୨୫ ବର୍ଷ ପୂରଣ କରିବେ। ୨୦୦୧ ମସିହା ଏହି ଦିନରେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ନିଜର କାର୍ଯ୍ୟକାଳ ଆରମ୍ଭ କରିଥିଲେ।

ଶ୍ରୀ ମୋଦୀ 'ଜନସେବାରୁ ଦେଶସେବା' ମନ୍ତ୍ରରେ ଅନୁପ୍ରାଣିତ ହୋଇ ନିରନ୍ତର ଭାବେ ସେବାକାର୍ଯ୍ୟ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତର ପ୍ରଗତି କେବଳ ବିକାଶ ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଭାରତର ସାଂସ୍କୃତିକ ପରିଚୟ ଏବଂ ଐକ୍ୟବଦ୍ଧ ସୁଦୃଢ଼ ହୋଇଛି ବୋଲି ଶ୍ରୀ ନବୀନ କହିଛନ୍ତି।

ସେବା ଦିବସ ଅବସରରେ ରକ୍ତଦାନ ଶିବିର ଓ ସଂକଳ୍ପ ଅଭିଯାନ ଆରମ୍ଭ ହେବ । ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇବା ପାଇଁ ଅକ୍ଟୋବର ୭ ତାରିଖରେ ଗାଁ ଏବଂ ସହରାଞ୍ଚଳକୁ ଯୋଡ଼ି 'ସେବାଜ୍ୟୋତି କଳସ ଯାତ୍ରା' ମଧ୍ୟ ବାହାର କରାଯିବ ।

Nabarangpur

## ଡକ୍ଟର ସଦାଶିବ ତ୍ରିପାଠୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ତଥା ଓଡ଼ିଶାର  ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ସଦାଶିବ ତ୍ରିପାଠୀଙ୍କୁ ଆଜି ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସ୍ୱର୍ଗତ ତ୍ରିପାଠୀଙ୍କ ଜନସେବା ଓ ରାଜ୍ୟ ପ୍ରତି ତାଙ୍କର ଅବଦାନ ସଦା ସ୍ମରଣୀୟ ହୋଇ ରହିବ। ଏହି ଅବସରରେ ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ସ୍ୱର୍ଗତ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ କରାଯାଇଛି।

କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଗୌରୀଶଙ୍କର ମାଝୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ତ୍ରିପାଠୀଙ୍କ ସ୍ମୃତିଚାରଣ କରିଥିଲେ।

Desk

## ସମୀକ୍ଷା ବୈଠକ

ଭୁବନେଶ୍ୱର ଲୋକସେବା ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ ସଂଯୋଗୀକରଣ ଓ ଭିତ୍ତିଭୂମିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ସେବାକୁ ଆହୁରି ସୁଦୃଢ଼ ଓ ନିରବଚ୍ଛିନ୍ନ କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି।

Desk

## ଶିଶୁବିକାଶ

ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ସହଯୋଗରେ ପ୍ରସ୍ତୁତ ଚାରୋଟି ଗବେଷଣା କାର୍ଯ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆଡ୍ ସଫ୍ଟ ରେଲ୍‌ଟେଲ୍ ଦ୍ୱାରା ବିକଶିତ କେସ୍ ମନିଟରିଂ ସିଷ୍ଟମ୍‌ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଓ ଶିଶୁବିକାଶ ବିଭାଗର ଅଧ୍ୟକ୍ଷା ଶୋଭନା

ମହାନ୍ତି, ବିଭାଗୀୟ କମିଶନର ତଥା ସଚିବ ଡକ୍ଟର ମୃଣାଳିନୀ ଦରସ୍ୱାଲ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

Desk

# ରିଜିଜୁ-ଯୁଥ୍ କମ୍ପିଟେସନ

ଜବାହର ନବୋଦୟ ବିଦ୍ୟାଳୟଗୁଡ଼ିକ ପାଇଁ ୨୭ତମ ଜାତୀୟ ଯୁବ ସଂସଦ ପ୍ରତିଯୋଗିତା ୨୦୨୫-୨୬ର ପୁରସ୍କାର ବିତରଣ ଉତ୍ସବ ଆସନ୍ତାକାଲି ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ଅନୁଷ୍ଠିତ ହେବ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ଏହି ଉତ୍ସବରେ ଅଧ୍ୟକ୍ଷତା କରିବେ । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଦ୍ୟାଳୟଗୁଡ଼ିକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯିବ।

Desk

## ବିଶ୍ୱ ଇଭି ଦିବସ

ସ୍ୱଚ୍ଛ ଓ ପରିବେଶ ଅନୁକୂଳ ଯାତାୟତ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆଜି ବିଶ୍ୱ ବୈଦ୍ୟୁତିକ ଯାନ ବା ଇ.ଭି. ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ବିଦ୍ୟୁତ୍ ଯାନକୁ ଆପଣାଇ ଖର୍ଚ୍ଚ କମାଇବା"। ୨୦୧୭ ମସିହାଠାରୁ

ଭାରତରେ ମୋଟ ୧ କୋଟିରୁ ଅଧିକ ଇଲେକ୍ଟ୍ରି ଯାନ ବିକ୍ରି ହୋଇଛି। ୨୦୨୬ ମସିହାରେ ବିଦ୍ୟୁତ୍ ଯାନର ବଜାର ଅଂଶ ପ୍ରାୟ ୧୧ ପ୍ରତିଶତରେ ପହଞ୍ଚିଛି। ବିଶ୍ୱ ଇଭି ଦିବସ ଅବସରରେ ବିଦ୍ୟୁତ୍‌ଚାଳିତ ଯାନବାହାନକୁ ଆପଣାଇବା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଆହ୍ୱାନ ଦେଇଛନ୍ତି। ବିଦ୍ୟୁତ୍‌ଚାଳିତ ଯାନବାହନକୁ ଆପଣାଇ ସ୍ୱଚ୍ଛତା ଆଡ଼କୁ ଅଗ୍ରସର ହେବା ସହ ନବସୃଜନକୁ ଆପଣାଇବା ପାଇଁ ଶ୍ରୀ ସିଂହଦେଓ କହିଛନ୍ତି।

Rayagada

# ୭୯୬ କୋଟି ବ୍ୟୟ ମଞ୍ଜୁରୀ

ରାୟଗଡ଼ା ଜିଲ୍ଲାରେ ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରାୟ ୭୯୬ କୋଟି ଟଙ୍କା ବ୍ୟୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ଅର୍ଥରେ ଜିଲ୍ଲାର ବିଭିନ୍ନ ପ୍ରମୁଖ ସଡ଼କର ପ୍ରାୟ ୧୧୪ କିଲୋମିଟର ଅଂଶକୁ ୪ ଲେନ୍‌ରେ ଉନ୍ନୀତ କରାଯିବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ସମ୍ମିଳନୀରେ ଏହି ପ୍ରକଳ୍ପ ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବଉଳା କୁମ୍ଭୀର

ଭିତରକନିକା ଜାତୀୟ ଉଦ୍ୟାନରେ ଚଳିତବର୍ଷ କୃତ୍ରିମ ପ୍ରଜନନ ଉପାୟରେ ୧୯ଟି ବଉଳା କୁମ୍ଭୀର ଶାବକ ଜନ୍ମ ହୋଇଛନ୍ତି ବୋଲି ରାଜନଗର ବନଖଣ୍ଡ ପକ୍ଷରୁ କୁହାଯାଇଛି ।  ଭିତରକନିକା ବନାଞ୍ଚଳର ଏକ ମାଇ କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ  କରାଯାଇ କୃତ୍ରିମ ପ୍ରଜନନ କୌଶଳରେ ଏହି କୁମ୍ଭୀରମାନଙ୍କର ଜନ୍ମ କରାଯାଇଛି । ବିଲୁପ୍ତ ପ୍ରାୟ ଏହି ବଉଳା କୁମ୍ଭୀରଙ୍କ ବଂଶବୃଦ୍ଧି ନିମନ୍ତେ ବନ ବିଭାଗ ପକ୍ଷରୁ ଏଠାରେ କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲାଯାଇଛି । ସୂଚନା ଅନୁସାରେ, ଭିତରକନିକା ଜାତୀୟ ଉଦ୍ୟାନରେ ୧ ହଜାର ୮୪୮ କୁମ୍ଭୀର ରହୁଛନ୍ତି ।ଚଳିତବର୍ଷ ଜାତୀୟ ଉଦ୍ୟାନରେ ମୋଟ୍ ୧୧୭ଟି କୁମ୍ଭୀର ବସା ଠାବ କରାଯାଇଛି ।

Desk

# ପାଣିପାଗ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ଶୁକ୍ରବାର ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୯ଟି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।